# ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ

ସା/ପୋ.ଅ.-ଘଟଗାଁ, ଜି-କେନ୍ଦୁଝର-୭୫୮୦୨୭ (ଓଡ଼ିଶା)

ଫୋନ୍-

# MAA TARINI THAKURANI TEMPLE TRUST

At/Po.: Ghatgaon, Dist-Keonjhar-758027 (Odisha)

Phone-

website-www.maatarini.co.in Email- maatarini.ghatgaon@gmail.com


ଚିଠି ନଂ. Letter No.: 438 ତାରିଖ Date: 14.09.23

## <u>ମାନସିକ ଭୋଗ ନଡିଆ ଟେଣ୍ଡର ବିଜ୍ଞାପନ</u>

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛିକି **ତା.୦୧.୧୦.୨୦୨୩ରିଖ ଠାରୁ ତା.୩୧.୦୩.୨୦୨୬ରିଖ ପର୍ଯ୍ୟନ୍ତ ମାନସିକ ଭୋଗ ନଡିଆ (ସମସ୍ତ ପ୍ରକାର)କୁ ଗୋଟା ପ୍ରତି ଟ.୪.୬୫ ପଇସାରେ** ତା.୦୧.୧୦.୨୦୨୩ରିଖ ଠାରୁ ତା.୩୦.୦୯.୨୦୨୪ରିଖ ପର୍ଯ୍ୟନ୍ତ, ଓ ତା.୦୧.୧୦.୨୦୨୪ରିଖ ଠାରୁ ତା.୩୦.୦୯.୨୦୨୫ରିଖ ପର୍ଯ୍ୟନ୍ତ ପୂର୍ବ ବର୍ଷ ମୂଲ୍ୟରେ ଶତକଡା ୧୦ ଯୋଗ କରି ଏବଂ ତା.୦୧.୧୦.୨୦୨୫ରିଖ ଠାରୁ ତା.୩୧.୦୩.୨୦୨୬ରିଖ ପର୍ଯ୍ୟନ୍ତ ପୂର୍ବ ବର୍ଷ ମୂଲ୍ୟରେ ଶତକଡା ୧୦ ଯୋଗ କରି ଟେଣ୍ଡର କରାଯିବ । ଏଣୁ ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରୁ ନିୟମାବଳୀ ଯୁକ୍ତ ଆବେଦନ ଫର୍ମ ବାବଦକୁ ଟ.୫୦୦/-(ପାଞ୍ଚ ଶହ) ଟଙ୍କା ନଗଦ ଦେଇ କାର୍ଯ୍ୟ ଦିବସରେ ଦିବା ୯ଘ. ଠାରୁ ଦିବା ୧ଘ. ଓ ଦିବା ଘ୩.୩୦ମି. ଠାରୁ ସନ୍ଧ୍ୟା ୬ଘ. ମଧରେ ତା.୧୬.୦୯.୨୦୨୩ରିଖ ଠାରୁ ତା.୨୫.୦୯.୨୦୨୩ରିଖ ସୁଦ୍ଧା ଟେଣ୍ଡର ଫର୍ମ କ୍ରୟ କରିପାରିବେ । ଏଣୁ ଇଚ୍ଛୁକ ବ୍ୟକ୍ତି/ସଂସ୍ଥା **"ମା' ତାରିଣୀ ଠାକୁରାଣୀ ଘଟଗାଁଙ୍କ"** ନାମେ ଟ.୧,୦୦,୦୦୦/-(ଏକ ଲକ୍ଷ)ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ କରି ଆବେଦନ ଯୁକ୍ତ ଫର୍ମ ସହିତ Speed Post/Regd. Post ମାଧ୍ୟମରେ ଦେବୋତ୍ତର କମିଶନର, ଓଡିଶା, ଭୁବନେଶ୍ୱରଙ୍କ କାର୍ଯ୍ୟଳୟକୁ ପ୍ରେରଣ କରିପାରିବେ କିମ୍ବା ନିଜେ ଉପସ୍ଥିତ ହୋଇ ଟେଣ୍ଡର ବାକ୍ସରେ ପକାଇପାରିବେ । **ତା.୨୬.୦୯.୨୦୨୩ରିଖ ଦିନ ଦିବା ଘ.୧୧.୩୦ମିନିଟ୍** ସମୟରେ ଦେବୋତ୍ତର କମିଶନର, ଓଡିଶା, ଭୁବନେଶ୍ୱରଙ୍କ କାର୍ଯ୍ୟଳୟରେ ଟେଣ୍ଡର ବାକ୍ସ ଖୋଲାଯିବ । ଏହି ଟେଣ୍ଡର ସମ୍ବନ୍ଧୀୟ ନୋଟିସ୍ ଓ ନିୟମାବଳି www.maatarini.co.in ୱେବ୍‌ସାଇଟ୍‌ରେ ଦେଖିପାରିବେ ।

ସ୍ୱାକ୍ଷର 14/9/2023

କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ଘଟଗାଁ, କେନ୍ଦୁଝର ।

## ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
## ଘଟଗାଁ, କେନ୍ଦୁଝର ।

**ଟେଣ୍ଡର ନିୟମାବଳୀ (ତା.୦୧.୧୦.୨୦୨୩ରିଖ ଠାରୁ ତା.୩୧.୦୩.୨୦୨୬ରିଖ ପର୍ଯ୍ୟନ୍ତ)**

୧. ଓଡିଶା ହିନ୍ଦୁ ଦେବୋତ୍ତର ଆଇନ ୧୯୫୧ ଅନୁଯାୟୀ ମନ୍ଦିରରେ ନିଯୁକ୍ତ ଥିବା ସଦସ୍ୟଙ୍କ ଆତ୍ମୀୟ/ସଂପର୍କୀୟ/ଉତ୍ତରାଧିକାରୀ ଏହି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ ।

୨. ଏହି ଟେଣ୍ଡରରେ କେବଳ ହିନ୍ଦୁ ଧର୍ମର ବ୍ୟକ୍ତି ଆବେଦନ କରିପାରିବେ ।

୩. ଏକକ ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ ନାହିଁ । ଅତି କମ୍‌ରେ ଦୁଇଟି ଟେଣ୍ଡର ପଡିଥିଲେ ତାହା ବିଚାରକୁ ନିଆଯିବ ।

୪. ମନ୍ଦିର ବିରୁଦ୍ଧରେ ଆଇନ୍‌ର ଆଶ୍ରୟ ନେଇଥିବା ବ୍ୟକ୍ତି/କଳା ତାଲିକାଭୁକ୍ତ ବ୍ୟକ୍ତି ବା ଅନୁଷ୍ଠାନ ଓ ପୂର୍ବରୁ ଟେଣ୍ଡର ଖିଲାପ କରିଥିବା ବ୍ୟକ୍ତି ଏହି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ ।

୫. ଯାହାଙ୍କ ନାମେ ଟେଣ୍ଡର ଆଦେଶ ସ୍ଥିର ହେବ ସେ ଟେଣ୍ଡର ଚୂଡାନ୍ତ ହେବା ଦିନ ଠାରୁ ୩(ତିନି) ଦିନ ମଧ୍ୟରେ ସ୍ଥାନୀୟ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ଏକ ଚୁକ୍ତିନାମା ଆଫିଡେଭିଟ୍ କରି ଅତ୍ର କାର୍ଯ୍ୟାଳୟରେ ପ୍ରଦାନ କରିବା ପରେ କାର୍ଯ୍ୟାଦେଶ ପ୍ରଦାନ କରାଯିବ ।

୬. ମାନସିକ ନଡିଆ କତା ଛଡାଇବା ମୂଲ୍ୟକୁ ଭୋଗ ନଡିଆର କ୍ରୟ ମୂଲ୍ୟରୁ ବାଦ୍ କରାଯାଇ ଅପ୍‌ସେଟ୍ ପ୍ରାଇସ୍ ନିର୍ଦ୍ଧାରଣ କରାଯାଇଥିବାରୁ ମାନସିକ ନଡିଆ କତାଛଡା ବାବଦରେ କୌଣସି ମୂଲ୍ୟ ଦିଆଯିବ ନାହିଁ । ଟେଣ୍ଡରଧାରୀ ତାହା ସିଧାସଳଖ କତା ଛଡାଇବା ବ୍ୟକ୍ତିଙ୍କୁ ଅସୁଲ କରାଇବେ ।

୭. ମାସକ ମଧ୍ୟରେ ଯେତିକି ପରିମାଣର ନଡିଆ ଆସିବ ତାହା ସେହି ମାସକ ମଧ୍ୟରେ କ୍ରୟ କରିବେ । ଏଥିରେ ଖିଲାପ କଲେ ପରବର୍ତ୍ତୀ ମାସରେ ଟେଣ୍ଡର ନାକଚ କରାଯିବ ।

୮. ଦୈନିକ କ୍ରୟ କରିଥିବା ନଡିଆର ମୂଲ୍ୟକୁ ସେହିଦିନ ନିର୍ଦ୍ଦିଷ୍ଟ ସମୟରେ ଦାଖଲ କରିବେ ।

୯. ଯଦି ନିର୍ଦ୍ଧାରିତ ମୂଲ୍ୟ ଓ ତାରିଖରେ ଉକ୍ତ ନଡିଆ କ୍ରୟ ନ କରନ୍ତି ତେବେ ଅମାନତ ରାଶି ବ୍ୟାଜାପ୍ତି କରାଯାଇ ଏହି ଟେଣ୍ଡର ଆଦେଶ ରଦ୍ଦ କରାଯିବ ।

୧୦. ମାନସିକ ନଡିଆ ଟେଣ୍ଡରଧାରୀ ତା.୦୧.୧୦.୨୦୨୩ରିଖ ଠାରୁ ମାନସିକ ନଡିଆ କ୍ରୟ କରିବେ ।

୧୧. ଆବେଦନ କରୁଥିବା ବ୍ୟକ୍ତି/ସଂସ୍ଥା ଭୋଗ ନଡିଆ ବ୍ୟବସାୟ ପାଇଁ ଟ୍ୟାକ୍ସ ରେଜିଷ୍ଟ୍ରେସନ୍ ସାର୍ଟିଫିକେଟର ନକଲ ସହିତ ଟ୍ୟାକ୍ସ କ୍ଲିୟରାନ୍ସ କରିଥିବାର ପ୍ରମାଣପତ୍ର, ସଲଭେନ୍ସି ସାର୍ଟିଫିକେଟ୍‌ର ନକଲ ଓ ଆବେଦନ ଫର୍ମ କ୍ରୟର Money Receipt ଆବେଦନ ପତ୍ର ସହିତ ସଂଯୋଗ କରିବେ ।

୧୨. ମାନସିକ ନଡିଆ ଟେଣ୍ଡରଧାରୀ ଟେଣ୍ଡର ମୂଲ୍ୟ ଉପରେ ୧୦% ଯୋଗ କରି ଭକ୍ତଙ୍କୁ ଓ ୨୦% ଯୋଗ କରି ସ୍ଥାନୀୟ କୋରା ବ୍ୟବସାୟୀଙ୍କୁ ମାନସିକ ଭୋଗ ନଡିଆ ବିକ୍ରୟ କରିବେ । ଯଦି ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ବିକ୍ରୟ କରନ୍ତି ତେବେ ଆପଣ ଦେଇଥିବା ଅମାନତ ରାଶି ବ୍ୟାଜାପ୍ତି କରାଯାଇ ଏହି ଟେଣ୍ଡର ଆଦେଶ ରଦ୍ଦ କରାଯିବ ।

୧୩. ମାନସିକ ଭୋଗ ନଡିଆ (ସମସ୍ତ ପ୍ରକାର)କୁ ଗୋଟା ପ୍ରତି ଟ.୪.୭୫ ପଇସାରେ ତା.୦୧.୧୦.୨୦୨୩ରିଖ ଠାରୁ ତା.୩୦.୦୯.୨୦୨୪ରିଖ ପର୍ଯ୍ୟନ୍ତ, ଓ ତା.୦୧.୧୦.୨୦୨୪ରିଖ ଠାରୁ ତା.୩୦.୦୯.୨୦୨୫ରିଖ ପର୍ଯ୍ୟନ୍ତ ପୂର୍ବ ବର୍ଷ ମୂଲ୍ୟରେ ଶତକଡା ୧୦ ଯୋଗ କରି ଏବଂ ତା.୦୧.୧୦.୨୦୨୫ରିଖ ଠାରୁ ତା.୩୧.୦୩.୨୦୨୬ରିଖ ପର୍ଯ୍ୟନ୍ତ ପୂର୍ବ ବର୍ଷ ମୂଲ୍ୟରେ ଶତକଡା ୧୦ ଯୋଗ କରି ବିକ୍ରୟ କରାଯିବ ।

୧୪. ଏହି ଟେଣ୍ଡରର ଅବଧି ତା.୦୧.୧୦.୨୦୨୩ରିଖ ଠାରୁ ତା.୩୧.୦୩.୨୦୨୬ରିଖ ପର୍ଯ୍ୟନ୍ତ (୨ବର୍ଷ ୬ମାସ) ।

୧୫. ଏହି ଟେଣ୍ଡର ଯାହାଙ୍କ ନାମେ ଚୂଡାନ୍ତ ହେବ ସେ ବର୍ଷକୁ ଟ.୪,୦୦,୦୦୦/- (ଚାରି ଲକ୍ଷ)ମାତ୍ର ହିସାବରେ ୨ବର୍ଷ ୬ମାସକୁ ଟ.୧୦,୦୦,୦୦୦/-(ଦଶ ଲକ୍ଷ)ଟଙ୍କାର ଅମାନତ ଦେୟ "ମା' ତାରିଣୀ ଠାକୁରାଣୀ, ଘଟଗାଁଙ୍କ" ନାମେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଘଟଗାଁ ଶାଖାରେ ବ୍ୟାଙ୍କ ଡ୍ରାଫ୍ଟ କରି ମା' ତାରିଣୀ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରେ କାର୍ଯ୍ୟାଦେଶ ପାଇବା ପୂର୍ବରୁ ଦାଖଲ କରିବେ । ଏହି ଅମାନତ ରାଶି ଟେଣ୍ଡର ଅବଧି ସମାପ୍ତ ହେବା ପରେ ଓ ମା' ତାରିଣୀ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରୁ NOC ପାଇବା ପରେ ଫେରସ୍ତ କରାଯିବ ।

କ୍ରମଶଃ....

Smohapatra 15/9/2023
EXECUTIVE OFFICER
MAA TARINI THAKURANI TEMPLE TRUST
GHATGAON, KEONJHAR

୧୬. ଯଦି ଦେବୋତ୍ତର କମିଶନର, ଓଡିଶା, ଭୁବନେଶ୍ୱର ଚାହିଁବେ, ତେବେ ଏହି ଅମାନତ ରାଶିକୁ ୩ ମାସ ମଧ୍ୟରେ ପର୍ଯ୍ୟାୟ କ୍ରମେ ଦାଖଲ କରିପାରିବେ । କିନ୍ତୁ ପ୍ରଥମ ପର୍ଯ୍ୟାୟର ଅମାନତ ଦେୟ ଟ.୫,୦୦,୦୦୦/-(ପାଞ୍ଚ ଲକ୍ଷ) ରୁ କମ୍ ହେବ ନାହିଁ ଓ ଏହି ଅମାନତ ଦେୟ ଟେଣ୍ଡର ଚୂଡାନ୍ତ ହେବାର ୩ଦିନ ମଧ୍ୟରେ ଦାଖଲ କରିବେ । ଅବଶିଷ୍ଟ ବଳକା ଅମାନତ ଦେୟ ୩ ମାସ ମଧ୍ୟରେ ଅତି ବେଶିରେ ୨ ଗୋଟି କିସ୍ତିରେ ଦାଖଲ କରିବେ ।

୧୭. ଯଦି କୌଣସି କାରଣରୁ ଟେଣ୍ଡରଧାରୀ ଏହି ଟେଣ୍ଡରରୁ ପ୍ରତ୍ୟାହାର ଚାହିଁନ୍ତି ତେବେ ସେ ଟେଣ୍ଡର ପ୍ରତ୍ୟାହାର ୨ମାସ ପୂର୍ବରୁ ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର, ସମ୍ବଲପୁରଙ୍କୁ ଲିଖିତ ଆକାରରେ ଜଣାଇଲେ ସେ ସେହି ସମୟରେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରିବେ ।

୧୮. ଯଦି ଟେଣ୍ଡରଧାରୀ ଟେଣ୍ଡରରୁ ପ୍ରତ୍ୟାହାର ଚାହାଁନ୍ତି ତେବେ ନିମ୍ନ ଲିଖିତ ନିୟମ ଅନୁଯାୟୀ ତାଙ୍କର ଅମାନତ ଦେୟକୁ ବ୍ୟାଯାପ୍ତି କରାଯିବା

| କ୍ର.ନଂ. | ଟେଣ୍ଡରଧାରୀ ଟେଣ୍ଡରରୁ ପ୍ରତ୍ୟାହାର କରିବାକୁ ଚାହୁଁ ଥିବା ଅବଧି ସମୟ | ଅମାନତ ରାଶି ବ୍ୟାଯାପ୍ତି କରାଯିବାର ପରିମାଣ |
|---|---|---|
| ୧ | ତା.୦୧.୧୦.୨୦୨୩ରିଖ ଠାରୁ ତା.୩୦.୦୯.୨୦୨୪ରିଖ ମଧ୍ୟରେ | ଅମାନତ ରାଶିର ଶକକଡା ୩୦ ବ୍ୟାଯାପ୍ତି କରାଯିବ |
| ୨ | ତା.୦୧.୧୦.୨୦୨୪ରିଖ ଠାରୁ ତା.୩୧.୦୩.୨୦୨୫ରିଖ ମଧ୍ୟରେ | ଅମାନତ ରାଶିର ଶକକଡା ୫୦ ବ୍ୟାଯାପ୍ତି କରାଯିବ |
| ୩ | ତା.୦୧.୦୪.୨୦୨୫ରିଖ ଠାରୁ ଟେଣ୍ଡର ଅବଧି ସମାପ୍ତ ହେବା ପର୍ଯ୍ୟନ୍ତ | ଅମାନତ ରାଶିର ଶକକଡା ୭୦ ବ୍ୟାଯାପ୍ତି କରାଯିବ |

୧୯. ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ମା' ତାରିଣୀ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରୁ ନିୟମାବଳୀ ଯୁକ୍ତ ଆବେଦନ ଫର୍ମ କ୍ରୟ ବାବଦକୁ ଟ.୫୦୦/-(ପାଞ୍ଚ ଶହ) ଟଙ୍କା ନଗଦ ଦେଇ ଆବେଦନ ପତ୍ର ସହିତ ସମସ୍ତ ଆବଶ୍ୟକୀୟ କାଗଜ ପତ୍ର ସଂଯୋଗ କରି **Speed Post/Regd. Post** ମାଧ୍ୟମରେ ଦେବୋତ୍ତର କମିଶନର, ଓଡିଶା, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟକୁ ତା.୧୬.୦୯.୨୦୨୩ରିଖ ଠାରୁ ତା.୨୫.୦୯.୨୦୨୩ରିଖ ଅପରାହ୍ନ.୫ ଘ.୩୦ମି. ସୁଦ୍ଧା ପ୍ରେରଣ କରିପାରିବେ କିମ୍ବା ନିଜେ ଉପସ୍ଥିତ ହୋଇ ଟେଣ୍ଡର ବାକ୍ସରେ ପକାଇପାରିବେ । ଏହି ଟେଣ୍ଡର ଦେବୋତ୍ତର କମିଶନର, ଓଡିଶା, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ସମସ୍ତ ଅଂଶଗ୍ରହଣକାରୀ ବ୍ୟକ୍ତି/ସଂସ୍ଥା କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ତା.୨୬.୦୯.୨୦୨୩ରିଖ ଦିନ ଦିବା୧୧ ଘ.୩୦ମିରେ ସମୟରେ ଟେଣ୍ଡର ବାକ୍ସ ଖୋଲାଯିବ ।

୨୦. ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି/ସଂସ୍ଥା "ମା' ତାରିଣୀ ଠାକୁରାଣୀ, ଘଟଗାଁଙ୍କ" ନାମେ ଟ.୧,୦୦,୦୦୦/-(ଏକ ଲକ୍ଷ)ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ କରି ଆବେଦନ ଯୁକ୍ତ ଫର୍ମ ସହିତ ସଂଯୋଗ କରି ପଠାଇବେ । ଯାହାଙ୍କ ନାମେ ଟେଣ୍ଡର ଚୂଡାନ୍ତ ହେବ ତାଙ୍କର ଏହି ରାଶିକୁ ଅମାନତ ରାଶିରେ **adjust** କରାଯିବ ଏବଂ ଯେଉଁ ବ୍ୟକ୍ତି/ସଂସ୍ଥା ଏହି ଟେଣ୍ଡରରେ ଅଂଶଗ୍ରହଣକରୀ, ଟେଣ୍ଡର ପାଇନଥିବେ ତାଙ୍କର ଏହି ଅର୍ଥ ରାଶିକୁ ଟେଣ୍ଡର ପ୍ରୋସେସ୍ ସମାପ୍ତି ପରେ ଫେରସ୍ତ କରାଯିବ ।

୨୧. ଜଣେ ବ୍ୟକ୍ତି/ସଂସ୍ଥା କେବଳ ଗୋଟିଏ ଫର୍ମରେ ଆବେଦନ କରିପାରିବେ ।

୨୨. ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି/ସଂସ୍ଥା ଦୈନିକ ୩୫,୦୦୦ଗୋଟା ମାନସିକ ଭୋଗ ନଡିଆ କ୍ରୟ କରିବାର କ୍ଷମତା ଥିବା ଆବଶ୍ୟକ ।

୨୩. ଏହି ଟେଣ୍ଡରର ଅବଧି ତା.୩୧.୦୩.୨୦୨୬ରିଖରେ ସମାପ୍ତ ହେବ ।

ସ୍ୱା/-

ଦେବୋତ୍ତର କମିଶନର,
ଓଡିଶା, ଭୁବନେଶ୍ୱର ।

EXECUTIVE OFFICER
MAA TARINI THAKURANI TEMPLE TRUST
GHATGAON, KEONJHAR

ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ସା/ପୋ.ଅ.-ଘଟଗାଁ, ଜି-କେନ୍ଦୁଝର-୭୫୮୦୨୭ (ଓଡ଼ିଶା)
ଫୋନ୍-

**MAA TARINI THAKURANI TEMPLE TRUST**
At/Po.: Ghatgaon, Dist-Keonjhar-758027 (Odisha)
Phone-

website-www.maatarini.co.in Email- maatarini.ghatgaon@gmail.com

ଚିଠି ନଂ. Letter No.: 438 ତାରିଖ Date: 14.09.2023

## Mansik Bhoga Coconut Tender Notice

Maa Tarini Thakurani Temple Trust, Ghatgaon Inviting sealed tender from the interested Bidder/Firm/Persons for lifting of mansik bhoga coconuts of Maa Tarini **from dt.01.10.2023 to dt.31.03.2026 @ 4.65paise per piece** of bhoga coconuts (all types) for the first year of tender i.e. from dt.01.10.2023 to dt.30.09.2024.The price of bhoga coconuts shall rise 10% of the previous year of tender price from dt.01.10.2024 to dt.30.09.2025 and it shall hike similar proportionate from dt.01.10.2025 to dt.31.03.2026 till the end of tenure of tender. The form will be made available at temple office of Maa Tarini Thakurani Temple, Ghatgaon from dt.16.09.2023 to dt.25.09.2023 from 9am to 1pm & 3.30pm to 7pm of every working days by hand on payment of Rs.500/- (Rupees five hundred) only. The Interested parties (both individual or firm) make a demand draft @1,00,000/- (Rupees One lakh)only in the name of "Maa Tarini Thakurani Temple, Ghatgaon" and send it by Regd. Post/ Speed Post to the Office of the Commissioner of Endowments, Odisha, Bhubaneswar or by dropping the tender in sealed condition in the tender box kept in the room of the Secretary to the Commissioner and the tender box shall be opened on **dt.26.09.2023 at 11.30am** in the office of the Commissioner of Endowments, Odisha, Bhubaneswar. To get more information about this tenders term and condition please visit our website www.maatarini.co.in.

o/c

14/9/2023

Executive Officer
Maa Tarini Thakurani Temple Trust
Ghatgaon, Keonjhar.

# MAA TARINI THAKURANI TEMPLE TRUST, GHATGAON, KEONJHAR.

## Terms & Conditions of Tender Period 01.10.23 to 31.03.26

1. As per the OHRE Act. 1951, the employees of the temple, their successors and relatives cannot take part in the tender process.

2. The persons who are professing Hindu Religion can only participate in the tender.

3. Participation of a single person in the tender process cannot be taken into account, but the minimum number of persons must be two or more.

4. The person who have filed case against the interest of the deity or the person who have been made black listed and the person who were found to be defaulter previously cannot take part in the tender process.

5. The tender holder shall make an agreement affidavit before any of the local Magistrate within three days from the date of finalization of tender process and submit the same before the temple office and after submission of that document, work order shall be issued in her/his name.

6. The tender holder shall bear the cost of peeling of coir of coconuts (କତା ଛଡାଇବା). He cannot claim that as an additional cost in any manner.

7. The tender holder shall lift all the mansik coconuts on daily basis without any objection irrespective of shape, size and condition. He is bound to lift all the coconuts received in a month, and if he fails, then the tender shall be cancelled from the next month.

8. The cost of all the coconuts lifted in a day shall be paid by the tender holder during the course of the same day within a reasonable hour.

9. If the tender holder fails to lift the coconuts in the prescribed cost and schedule time, then the tender shall be cancelled and the entire earnest money shall be forfeited.

10. The tender holder start purchase of mansik coconuts from 1st October 2023.

P.T.O

Smitapatra 15/9/2023

EXECUTIVE OFFICER
MAA TARINI THAKURANI TEMPLE TRUST
GHATGAON, KEONJHAR

11. The applicants for the tender process shall furnish tax registration certificate in respect of coconut business, tax return filling certificate of the previous financial year along with solvency certificate with the applications.

12. The tender holder shall sell the coconuts by making hike of 10% and 20% of the tender price of coconuts to devotees and local kora businessman respectively. If he sells the coconuts to devotees and kora businessman more than the above price, the earnest money shall be forfeited.

13. The price of mansik coconuts shall not be less than Rs.4.65 paisa per piece for the first year of tender i.e. from 01.10.2023 to 30.09.2024. The price of coconuts shall rise 10% of the previous year tender price from the 01.10.2024 to 30.09.2025 and it shall hike similar proportionate from 01.10.2025 to till the end of tenure of tender.

14. The tender period shall be for two and half year commencing from 01.10.2023 to 31.03.2026.

15. The security money shall be four lakhs per year and in total ten lakhs for the entire tender period from 01.10.2023 to 31.03.2026. The tender holder who will be selected to lift the mansik bhoga coconuts for the above stated tender period shall deposit the security money in shape of bank draft in the name of "Maa Tarini Thakurani, Ghatgaon" payable at Ghatgaon and submit the same in the temple office before issuance of work order and the same will be return to the tender holder after completion of tenure of the tender after obtaining NOC from the temple office.

16. The security money can be paid in phased manner within a period of three months from the date of final of tender, if the Commissioner desires. The first phase amount shall not be less than five lakhs and that must be deposited in the temple office within three days from the date of finalisation of the tender and the rest amount shall be paid within three months in two instalments maximum.

17. If the tender holder wants to withdraw from the tender process for any reason, he has to give two months prior written notice to the A.A.C.E., Sambalpur who shall take next further course of action within that period.

P.T.O.

15/9/2023

EXECUTIVE OFFICER
MAA TARINI THAKURANI TEMPLE TRUST
GHATGAON, KEONJHAR

18. If the tender holder wants to withdraw from the tender process then the security money shall be forfeited as per the terms and conditions as mentioned in the table below:-

| Sl. No. | Period within which the tender holder wants to withdraw from the tender process | Amount of security money to be forfeited |
|---|---|---|
| 1 | At any time from 01.10.2023 to 30.09.2024 | 30% of the security money shall be forfeited |
| 2 | At any time from 01.10.2024 to 31.03.2025 | 50% of the security money shall be forfeited |
| 3 | At any time from 01.04.2025 to till the end of the tender period. | 70% of the security money shall be forfeited |

19.The place of tender may be considered as the office of Commissioner of Endowments, Bhubaneswar, Odisha and the period of inviting application from the eligible candidates from 16.09.2023 to 25.09.2023 (5.30p.m.) and the tender box shall be opened on 26.09.2023 (11.30a.m.) in presence of the applicants or their authorised agents. The tender form will be made available at temple office of Maa Tarini Thakurani, Ghatgaon only by hand on payment of Rs.500/- (Rupees five hundred only). The interested parties (both individual/firms) can submit their application either by Regd. Post/Speed Post or by dropping the tender in sealed condition in the tender box kept in the room of the secretary to Commissioner.

20. The tenderer or applicant has to annexed a demand draft of Rs.1,00,000/- (Rupees one lakhs only) drawn in the name of Maa Tarini Thakurani, Ghatgaon along with the tender form which amount is to be adjusted from the security deposit made by the highest (successful bidder) and refunded to the unsuccessful bidder after completion of the entire tender process.

21. One individual/firm can apply for one tender only.

22. The candidates interested for tender process must have the capacity to lift about thirty five thousands mansik bhoga coconuts per day.

23. The tender process shall terminate automatically on 31st March, 2026.

Sd/-

Commissioner of Endowments,
Odisha, Bhubaneswar.

[signature] 15/9/2023

EXECUTIVE OFFICER
MAA TARINI THAKURANI TEMPLE TRUST
GHATGAON, KEONJHAR